# ସତ୍ୟବାଣୀ

## THE VOICE OF TRUTH

May & June, 1998

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

**CHURCH OF CHRIST**
**P.O. Box No. 80, KAKINADA,**
**A.P. - 533 001**
**Ph. 0884 - 63722**

**Vol. 3 May & June, 1998 No. 3**

Published every two months in Oriya Language for the Restoration of pure New Testament Christianity

**FREE!** **FREE!!** **FREE!!**

Study the Bible in the quiet of your own home. Enrol yourself in the **BASIC BIBLE COURSE** in Oriya language. Complete the course and obtain a copy Oriya Holy Bible obsolutely free! Send your a today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

ସତ୍ୟବାଣୀ

VOICE OF TRUTH

Vol-II KAKINADA MAY-JUNE

## ଆଦିମ ଖ୍ରୀଷ୍ଟିୟାନମାନଙ୍କ ଉପାସନା

### ( Worship of the Early Christians )

ଆଜିକାଲି ଖ୍ରୀଷ୍ଟିୟାନ ସମାଜରେ ଅନେକ ପ୍ରକାର ଉପାସନା ପଦ୍ଧତି ଉଦ୍ଭାବିତ ହୋଇଅଛି । ବିଭିନ୍ନ ବର୍ଗର ଲୋକେ କିପରି ଉପାସନା କରନ୍ତି, କେବେ ଉପାସନା କରନ୍ତି ଓ କାହାକୁ ଉପାସନା କରନ୍ତି ଜାଣିବା ଆଗ୍ରହର ବିଷୟ । ଜଗତରେ ପ୍ରଚଳିତ ବିଭିନ୍ନ ଉପାସନା ପଦ୍ଧତିରୁ ସତ୍ୟ ଉପାସନା ବିଷୟରେ ଆମ୍ଭେମାନେ କିପରି ଜାଣି ପାରିବା ? ବାଇବଲରୁ ଆଦିମ ଖ୍ରୀଷ୍ଟିୟାନମାନଙ୍କ ଉପାସନା ପଦ୍ଧତି ଆମ୍ଭେମାନେ ଅବଗତ ହେବା ଆବଶ୍ୟକ ।

ଖ୍ରୀ: ଅ: ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ମଣ୍ଡଳୀ ସ୍ଥାପିତ ହେବା ପରେ ଆଦିମ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ବାକ୍ୟ କହେ, "ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ । (ପ୍ରେରିତ ୨ : ୪୨) । ଆଦିମ ଖ୍ରୀଷ୍ଟିୟାନମାନେ ପ୍ରେରିତମାନଙ୍କ ଶିକ୍ଷାରେ ସ୍ଥିର ହୋଇଥିଲେ । ଥରେ ପାଉଲ ଓ ତାହାଙ୍କ ସଙ୍ଗୀମାନେ ଉପାସନା ନିମନ୍ତେ ଆପଣା ସୁଦୀର୍ଘ ଯାତ୍ରା ତ୍ରୋୟାରେ ସ୍ଥଗିତ କରିଥିଲେ, ବାକ୍ୟ କହେ, ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହୋଇ ଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର

ପର୍ଯ୍ୟନ୍ତ ଅର୍ଦ୍ଧେ ବକ୍ତୃତା ଦେଲେ । ( ପ୍ରେରିତ ୨୦ : ୭ ) ଏହି
ବାକ୍ୟରୁ ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ପ୍ରଭୁ-
ଭୋଜରେ ଭାଗୀ ହେଉଥିଲେ ବୋଲି ଜାଣିପାରୁ ! ପାଉଲ ସେଠାରେ
ଏକତ୍ରିତ ଖ୍ରୀଷ୍ଟିୟାନଙ୍କୁ ବାକ୍ୟ ଶିକ୍ଷା ଦେବାର ସୁଯୋଗର ସଦ୍-
ବ୍ୟବହାର ମଧ୍ୟ କରିଥିଲେ ।

ପ୍ରେରିତ ପାଉଲ କରିନ୍ଥ ମଣ୍ଡଳୀକୁ ପ୍ରଭୁଭୋଜର ପ୍ରାଧାନ୍ୟତା
ବିଷୟରେ ଆପଣା ପ୍ରଥମ ପତ୍ରର ୧୦ ଓ ୧୧ମ ଅଧ୍ୟାୟରେ ବର୍ଣ୍ଣନା
କରିଅଛନ୍ତି 'କାରଣ ମୁଁ ପ୍ରଭୁଙ୍କଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ
ପ୍ରଦାନ କରିଅଛି । ତାହା ଏହି ଯେ, ହସ୍ତରେ ସମର୍ପିତ ହେବା
ରାତ୍ରିରେ ପ୍ରଭୁଯୀଶୁ ରୋଟୀ ନେଇ ଧନ୍ୟବାଦ ଦେଇ ତାହା ଭାଙ୍ଗି
କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର ମୋତେ
ସ୍ମରଣ କରିବା ନିମନ୍ତେ ଏହା କର । ସେହିପରି ଭୋଜନ ଉତ୍ତାରେ
ସେ ପାନପାତ୍ର ମଧ୍ୟ ନେଇ କହିଲେ । ଏହି ପାନପାତ୍ର ମୋହର
ରକ୍ତରେ ସ୍ଥାପିତ ନୂତନ ନିୟମ, ତୁମ୍ଭେମାନେ ଯେତେଥର ଏଥିରୁ
ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା
କର । କାରଣ ଯେତେ ଥର ତୁମ୍ଭେମାନେ ଏହି
ରୋଟୀ ଭୋଜନ କର ଓ ଏହି ପାନପାତ୍ରରୁ ପାନ କର,
ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ
ପ୍ରଚାର କରୁଅଛ । ଅତଏବ, ଯେକେହି ଅଯୋଗ୍ୟ ଭାବରେ ପ୍ରଭୁଙ୍କର
ଏହି ରୋଟି ଭୋଜନ କରେ କିମ୍ବା ଏହି ପାତ୍ରରୁ ପାନକରେ, ସେ
ପ୍ରଭୁଙ୍କ ଶରୀରର ଓ ରକ୍ତର ଦାୟୀ ହେବ । କିନ୍ତୁ ମନୁଷ୍ୟ ଆପଣାକୁ
ପରୀକ୍ଷା କରୁ, ଆଉ, ସେହିପରି ଭାବେ ଏହି ରୋଟୀ, ଭୋଜନ କରୁ
ଓ ଏହି ପାତ୍ରରୁ ପାନ କରୁ । କାରଣ ଯେ ପ୍ରଭୁଙ୍କ ଶରୀରକୁ ବିଶେଷ
ନମଣି ଭୋଜନ କରେ ଓ ପାନ କରେ, ସେ ଆପଣା ଦଣ୍ଡ ନିମନ୍ତେ
ଭୋଜନ କରେ ଓ ପାନ କରେ । ଏହି ହେତୁ ତୁମ୍ଭମାନଙ୍କ ମଧ୍ୟରେ
ଅନେକ ଦୁର୍ବଳ ଓ ପୀଡ଼ିତପ୍ରାଣି ଅନେକେ ମହାନିଦ୍ରା ପ୍ରାପ୍ତଅଛନ୍ତି ।

(୧ମ କରନ୍ଥୀ ୧୧ : ୨୩-୩୦ ଏହି ବାକ୍ୟର ସାରାଂଶ :—

୧) ଏହି ଶିକ୍ଷା ପ୍ରଭୁଙ୍କ ଠାରୁ ପାଉଲ ପ୍ରାପ୍ତ ହୋଇଥିଲେ ।

୨) ରୋଟୀ ଖ୍ରୀଷ୍ଟଙ୍କ ଶରୀରର ପ୍ରତୀକ ଓ ପାନପାତ୍ର ତାହାଙ୍କ ରକ୍ତର ପ୍ରତୀକ ଅଟେ ।

୩) ତାହାଙ୍କ ଶରୀରର ସ୍ମରଣାର୍ଥେ ଆମ୍ଭେମାନେ ପ୍ରଭୁଭୋଜଗ୍ରହଣ କରିବା ଆବଶ୍ୟକ ।

୪) ପ୍ରଭୁ ଭୋଜରେ ସହଭାଗୀ ହୋଇ ଆମ୍ଭେମାନେ ଖ୍ରୀଷ୍ଟଙ୍କ ମରଣ ପ୍ରଚାର କରୁ ।

୫) ଯେଉଁମାନେ ଅଯୋଗ୍ୟ ଭାବେ ରୋଟୀ ଭୋଜନ କରି, ପାତ୍ରରୁ ପାନ କରନ୍ତି ସେମାନେ ଆପଣା ଆପଣା ବିନାଶ ନିମନ୍ତେ ତାହା କରନ୍ତି ।

୬) ପ୍ରଭୁଭୋଜରେ ଭାଗୀ ହେବା ପୂର୍ବେ ଆମ୍ଭେମାନେ ଆପଣା ଆପଣାକୁ ପରୀକ୍ଷା କରି, ସେଥିରେ ସହଭାଗୀ ହେଉଁ ।

୭) ଭୟ, ଭକ୍ତି ଓ ନମ୍ରତା ସହ ଏହା ଆମ୍ଭେମାନେ ଆଚରଣ କରିବା ନିମନ୍ତେ ଆଜ୍ଞାପିତ ହୋଇ ଅଛୁ । (୧ମ କରନ୍ଥୀ ୧୧ : ୧୭-୨୨) ।

୧ମ କରନ୍ଥୀ ୧୬ : ୧,୨ ପଦଗୁଡ଼ିକରେ ଦାନ ବିଷୟରେ ପାଉଲ ଲେଖନ୍ତି — ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି । ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ । ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । କିନ୍ତୁ ଏହା ସତ୍ୟ ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ । ଆଉ ଯେ ପ୍ରଚୁର ବୁଣେ ସେ ମଧ୍ୟ ପ୍ରଚୁର କାଟିବ । ପ୍ରତ୍ୟେକ ଜଣ ଆପଣା ହୃଦୟରେ

ଯେପରି ସଂକଳ୍ପ କରିଅଛି । ସେହିପରି କରୁ, କୁଣ୍ଠିତ ଭାବରେ ଅବା ବାଧ୍ୟବାଧକତା ହେତୁରୁ ନୁହେଁ, କାରଣ ଈଶ୍ୱର ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି ।" ( ୨ୟ କରନ୍ଥୀ ୯ . ୬, ୭ ) । ଏହି ବାକ୍ୟ ବଳୀରୁ ଦାନ ସଂଗ୍ରହ ବିଷୟରେ କେତୋଟି ବିଷୟ ଜାଣି ପାରିଲୁ ।

୧) ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରାଯିବା ଆବଶ୍ୟକ ।

୨) ପ୍ରତ୍ୟେକ ଖ୍ରୀଷ୍ଟିୟାନ ଦାନ ଦେବା ଆବଶ୍ୟକ ।

୩) ଆପଣା ହୃଦୟ ସଂକଳ୍ପାନୁଯାୟୀ ଦାନ ଦେବା ଆବଶ୍ୟକ ।

୪) ନୂତନ ନିୟମରେ ଦଶମାଂଶ ଦାନ ଦେବା ନିମନ୍ତେ ଲେଖା ଯାଇ ନାହିଁ । କିନ୍ତୁ ଆପଣା ଆପଣା ଅଭିବୃଦ୍ଧି ନୁଯାୟୀ ଆମ୍ଭେମାନେ ଦାନ ନିମନ୍ତେ ଆଜ୍ଞାପିତ ହୋଇଅଛୁ ।

୫) ଆପଣା ଆପଣା ହୃଦୟର ସଂକଳ୍ପନୁଯାୟୀ ଦାନ ଦେବା ଆବଶ୍ୟକ ।

୬) କୁଣ୍ଠିତ ଭାବରେ ବା ବାଧ୍ୟବାଧକତା ହେତୁରୁ ନୁହେଁ ।

୭) କିନ୍ତୁ ହୃଷ୍ଟଚିତ୍ତରେ ଦାନ ଦେଉ ।

ପାଉଲ ଓ ଶୀଲ ଫିଲିପି କାରାଗାରରେ ମଧ୍ୟରାତ୍ର ପର୍ଯ୍ୟନ୍ତ ଈଶ୍ୱରଙ୍କ ସ୍ତୁତି ଗାନ କରୁଥିଲେ ବୋଲି ପ୍ରେରିତ ୧୬-୨୫ ପଦରେ ଉଲ୍ଲେଖ କରାଯାଏ । ଯଦିଓ ସପ୍ତାହର ପ୍ରଥମ ଦିନରେ ସ୍ତୁତିଗାନ କରିବା ନିମନ୍ତେ ମଣ୍ଡଳୀ ଏକତ୍ରିତ ହୋଇଥିଲେ ବୋଲି କୁହାଯାଏ ନାହିଁ ତଥାପି ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କୁ ସ୍ତୁତିଗାନ କରିବା ନିମନ୍ତେ ଏଫିସୀୟ ୫ : ୧୯ ଓ କଲସୀ ୩ : ୧୬ ପଦରେ ଆଜ୍ଞାପିତ ହୋଇଅଛୁଁ । ପ୍ରଥମ ଶତାବ୍ଦୀର ଆଦିମ ମଣ୍ଡଳୀର ଉପାସନାରେ ଈଶ୍ୱରଙ୍କ ସ୍ତୁତିଗାନ ଉପାସନାର ଏକ ଅଭିନ୍ନ ଅଂଶ ଥିଲା ।

ଉପରୋକ୍ତ ବିଶ୍ଳେଷଣରୁ ପ୍ରଥମ ଶତାବ୍ଦୀର ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିବସରେ ପ୍ରାର୍ଥନା ସ୍ତୁତିଗାନ

ବାକ୍ୟଧ୍ୟାନ, ପ୍ରଭୁଙ୍କ ଭୋଜର ଭାଗୀ ଓ ଚାନ୍ଦା ନେବା ନିମନ୍ତେ ଏକତ୍ରିତ ହେଉଥିଲେ ବୋଲି ଜାଣିପାରୁ । ଏତଦ୍‌ବ୍ୟତୀତ ଆଉ କୌଣସି ଉତ୍ସବ ଉପାସନାରେ ସ୍ଥାନ ପାଇ ନଥିଲା । ଆସ, ଆମ୍ଭେମାନେ ସେହି ଆଦିମ ଖ୍ରୀଷ୍ଟିୟାନମାନଙ୍କ ଅନୁସରଣ କରୁ !

—J. C. Choate

—o—

## ଯିହୋଶୂୟଙ୍କ ବିଦାୟ
## ( Joshua's Farewell )

ଯିହୋଶୂୟ ବୃଦ୍ଧ ଓ ଗତ ବୟସ୍କ ହୁଅନ୍ତେ ଇସ୍ରାଏଲର ସମସ୍ତ ପ୍ରାଚୀନବର୍ଗଙ୍କୁ ଆପଣା ନିକଟକୁ ଡକାଇଲେ । କିଣାନ ଦେଶ ହସ୍ତଗତ କରିବାରେ ପରମେଶ୍ୱର ସେମାନଙ୍କୁ କିପରି ସାହାଯ୍ୟ କରିଥିଲେ ତାହା ସେ ସେମାନଙ୍କୁ ସ୍ମରଣ କରାଇଲେ । ପରମେଶ୍ୱର ସେମାନଙ୍କ ସହବର୍ତ୍ତୀ ହୋଇ ନଥିଲେ ଯିରୀହୋର ପ୍ରକାଣ୍ଡ ପ୍ରାଚୀର ଭଗ୍ନ ହୋଇ ନ ଥାନ୍ତା କିମ୍ବା ଗିବୀୟୋନ ଉପରେ ସୂର୍ଯ୍ୟ ସ୍ତବ୍ଧ ହୋଇ ନ ଥାଆନ୍ତା । କିଣାନ ଦେଶରେ ଅବଶିଷ୍ଟାଂଶ ଅଞ୍ଚଳ୍ ଯାହା ସେମାନଙ୍କର ହସ୍ତଗତ ହୋଇ ନ ଥିଲା ସଦାପ୍ରଭୁଙ୍କ ବାହୁବଳ ଦ୍ୱାରା ସେମାନେ ହସ୍ତଗତ କରି ପାରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇ ଥିଲେ ।

ଇସ୍ରାଏଲ ଗୋଷ୍ଠୀ ଉପରେ ଯିହୋଶୂୟ କେତେକ କାର୍ଯ୍ୟଭାର ସମର୍ପି ଥିଲେ । ସର୍ବପ୍ରଥମେ ମୋଶାଙ୍କ ବ୍ୟବସ୍ଥା ପାଳନ କରିବା । ଦ୍ୱିତୀୟରେ ତାହାଙ୍କ ଚତୁର୍ଦ୍ଦିଗରେ ନିବାସ କରୁଥିବା ମୂର୍ତ୍ତିପୂଜକମାନଙ୍କ ଠାରୁ ଆପଣାକୁ ପୃଥକ୍ ରଖିବା । ତୃତୀୟରେ ପିତା ପରମେଶ୍ୱରଙ୍କୁ ସମସ୍ତ ବୁଦ୍ଧି, ବିବେକ ଓ ହୃଦୟ ସହ ପ୍ରେମ କରି ତାହାଙ୍କ ଆଜ୍ଞା ପାଳନ କରିବା । ( ଦ୍ୱି : ବି ୬ ୫ )। ଯେତେଦିନ ପର୍ଯ୍ୟନ୍ତ ଇସ୍ରାଏଲ ମାନେ ଏହି ନିୟମ ଗୁଡ଼ିକ ପାଳନ କରନ୍ତି ସେତେ ଦିନ

ପର୍ଯ୍ୟନ୍ତ ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ତତ୍ତ୍ୱାବଧାନ କରିବେ, କିନ୍ତୁ ବିମୁଖ ହେଲେ ଅନ୍ୟାନ୍ୟ ଜାତିମାନଙ୍କ ସଦୃଶ ଲୁପ୍ତ ହେବେ ବୋଲି ଯିହୋଶୂୟ ସେମାନଙ୍କୁ ସତର୍କ କରାଇ ଥିଲେ । (ଯିହୋଶୂୟ ୨୩:୧-୧୬) ।

ତତ୍ପରେ ଯିହୋଶୂୟ ଇଶ୍ରାଏଲ ବଂଶ ସମୂହଙ୍କୁ ପ୍ରାଚୀନବର୍ଗ ଓ ଅଧ୍ୟକ୍ଷମାନଙ୍କ ସହିତ ଶିଖିମରେ 'ସଦାପ୍ରଭୁଙ୍କ ସମ୍ମୁଖ'ରେ ଏକତ୍ରିତ ହେବାକୁ ଆଜ୍ଞା ଦେଲେ । ଏଠାରେ "ସଦାପ୍ରଭୁଙ୍କ ସମ୍ମୁଖ"ର ଅର୍ଥ ନିୟମ ସିନ୍ଦୁକ ବୁଝାଏ । ସେ ନ୍ୟାୟ୍ୟତଃ ସଦାପ୍ରଭୁ ପରମେଶ୍ୱରଙ୍କ ନିକଟରେ ଆପଣା ୨କୁ ପୁନଃ ଆତ୍ମସମର୍ପିତ କରିବା ନିମନ୍ତେ ନିୟମ ସିନ୍ଦୁକ ଶିଖିମକୁ ଅଣା ଯାଇଥିଲା ବୋଲି ଏହି ଘଟଣାରୁ ଆମେ-ମାନେ ଜାଣିପାରୁ । ଆଦି ପିତା ଅବ୍ରାହାମ ଏହି ଶିଖିମରେ ସର୍ବପ୍ରଥମେ ପ୍ରତିଜ୍ଞାତ ଦେଶର ପ୍ରତିଜ୍ଞା ପାଇଥିଲେ ବୋଲି ଆଦି ୧୨:୬-୭ ପଦ ଗୁଡ଼ିକରେ ପଢ଼ିପାରୁ । ଆପଣା ଶଶୁର ଲାବନଙ୍କ ଠାରୁ ସପରିବାରେ ଫେରିବା ସମୟରେ ଏହି ସ୍ଥାନରେ ଯାକୁବ ତମ୍ବୁ ସ୍ଥାପନ କରି ଆପଣା ମାନଙ୍କୁ ବିଦେଶୀ ଦେବତାଗଣ ଠାରୁ ଶୁଚି କରିବା ନିମନ୍ତେ ଆପଣା ପରିବାର ବର୍ଗକୁ ସେ ଆଜ୍ଞା ଦେଇଥିଲେ । (ଆଦି ୩୩:୧୮-୨୦; ୩୫:୧-୪) ।

ନଦୀ ସେପାରିରେ ବାସ କରୁଥିବା ଇଶ୍ରାଏଲର ପୂର୍ବପୁରୁଷ ଅବ୍ରାହମଙ୍କ ଇତିହାସ ଯିହୋଶୂୟ ସେମାନଙ୍କ ସମ୍ମୁଖରେ ପୁନଃବର୍ଣ୍ଣିତ ଅଧ୍ୟାୟରେ ପଢ଼ିପାରୁ । ଅବ୍ରାହମ ଓ ନାହୋରର ପିତା ତେରହ ପ୍ରଭୃତି ନଦୀ ସେପାରିରେ ବାସକରି ଅନ୍ୟ ଦେବତା ମାନଙ୍କର ସେବା କରୁଥିଲେ । ସଦାପ୍ରଭୁ ଅବ୍ରାହମଙ୍କୁ ଆଶୀର୍ବାଦ କରି ଇସ୍‌ହାକଙ୍କୁ ଦେଇଥିଲେ । ଏଷୌ ଓ ଯାକୁବ ତାହାଙ୍କ ଦୁଇପୁତ୍ର । ଏଷୌ ଅଧିକାରାର୍ଥେ ସେୟୀର ପର୍ବତ ପାଇ ଥିଲେ ଏବଂ ଯାକୁବ ଓ ତାହାଙ୍କ ସନ୍ତାନମାନେ ମିସରକୁ ଗଲେ । ମିଶରରେ ଅନେକ ଆଶ୍ଚର୍ଯ୍ୟ କର୍ମ ଓ ମୋଶା ଓ ହାରୋଣଙ୍କ ନେତୃତ୍ୱରେ ସଦାପ୍ରଭୁ ପରମେଶ୍ୱର ଇଶ୍ରାଏଲକୁ ମିଶରର ବନ୍ଦୀ ଭାବରୁ ମୁକ୍ତ କରିଥିଲେ । ପଛେ ୨ ଗୋଡ଼ାଇ ଆସିଥିବା ମିସରୀୟ

ରଥ ଓ ଅଶ୍ୱାରୁଢ଼ ସୈନ୍ୟ ମୃଫ ସାଗରରେ ଲୁପ୍ତ ହେଲେ । ପରମ୍ପର ଈଶ୍ୱର ପ୍ରାନ୍ତରରେ ଈଶ୍ରାଏଲର ସୁରକ୍ଷା କରି ପ୍ରତିପାଳନ କରି ପ୍ରତି-ଜ୍ଞାତ ଦେଶରେ ପ୍ରବେଶ କରାଇଲେ । ସେମାନେ ଆପଣ ବଳରେ କନାନ ଜୟ କରି ନଥିଲେ । କିନ୍ତୁ ପରମେଶ୍ୱରଙ୍କ ବାହୁବଳରେ ସେମାନେ ବିଜୟ ହାସଲ କରି ପାରିଥିଲେ । ଯହିଁରେ ସେମାନେ ପରିଶ୍ରମ କରି ନ ଥିଲେ । ଏପରି ଏକ ଦେଶ ଓ ଯାହା ସେମାନେ ନିର୍ମାଣ କରି ନଥିଲେ ଏପରି ନଗରରେ ସେମାନେ ବାସ କଲେ । ଯେଉଁ ଦ୍ରାକ୍ଷାକ୍ଷେତ୍ର ଓ ଜୀତ କ୍ଷେତ୍ର ସେମାନେ ରୋପଣ କରି ନ ଥିଲେ ତାହା ସେମାନେ ଉପଭୋଗ କଲେ । (ଯିହୋଶୂୟ ୨୪:୧-୧୩)

ପରମେଶ୍ୱର ସେମାନଙ୍କୁ ସର୍ବ ମଙ୍ଗଳ କରି ଆସିଥିବାରୁ ସେମାନେ ବିଦେଶୀୟ ଦେବତାଗଣ ତ୍ୟାଗ କରି କେବଳ ପରମେଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ଯିହୋଶୂୟ ଉତ୍ସାହିତ କରନ୍ତି । ନଦୀ ସେପାରିସ୍ଥ ବିଦେଶୀୟ ଦେବତା ଗଣର ପୂଜା କରିବେ କିଅବା ସତ୍ୟମୟ, ପ୍ରେମମୟ, ମଙ୍ଗଳମୟ ସୃଷ୍ଟି କର୍ତ୍ତାଙ୍କ ସେବା କରିବେ ଏହି ଦୁଇଟି ନିର୍ଣ୍ଣୟ ଈଶ୍ରାଏଲ ସମ୍ମୁଖରେ ସେ ଉପସ୍ଥାପିତ କଲେ । (୧୫ ପଦ) । ମାଥିଉ ୧୨:୩୦ ପଦ ଏକ ସମୟରେ ଆମେ ଦୁଇ ପ୍ରଭୁଙ୍କ ସେବକ ହୋଇ ପାରୁ ବୋଲି କହେ । ଯିଶାଇୟ ୫୫:୬-୭ ପଦ କହେ "ଯେ ପର୍ଯ୍ୟନ୍ତ ସଦାପ୍ରଭୁର ଉଦ୍ଦେଶ୍ୟ ମିଳୁଅଛି ସେ ପର୍ଯ୍ୟନ୍ତ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କର ଯେ ପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାହାଙ୍କ ଠାରେ ପ୍ରାର୍ଥନା କର ।" (ଯିଶାଇୟ ୫୫:୭) । ଯେଉଁମାନେ ଇହଜଗତରେ ତାହାଙ୍କ ରାଜ୍ୟ ଓ ନୀତିର ଅନ୍ୱେଷଣ କରି ଅନୁସରଣ କରନ୍ତି ସେମାନଙ୍କ ତତ୍ତ୍ୱାବଧାନ ଇହଜଗତରେ ତଥା ପରଲୋକରେ ନେଇ ସେ କରନ୍ତି । ( ମାଥିଉ ୬ : ୩୩, ୧୦ : ୨୮)

ଯିହୋଶୂୟଙ୍କ ମନ୍ତବ୍ୟ ପରେ ଈଶ୍ରାଏଲ ବଂଶ ସମ୍ମତି, ସୃଷ୍ଟି-କର୍ତ୍ତା ସର୍ବ ଶକ୍ତିମାନ ପରମେଶ୍ୱରଙ୍କ ସେବା କରିବା ନିମନ୍ତେ ଆପଣା

ଇଚ୍ଛା ପ୍ରକଟ କରନ୍ତେ ଯିହୋଶୂୟ ସେମାନଙ୍କୁ କହିଲେ "... ତୁମ୍ଭେମାନେ ସଦାପ୍ରଭୁଙ୍କର ସେବା କରିପାରିବ ନାହିଁ, କାରଣ ସେ ପବିତ୍ର ପରମେଶ୍ୱର ସେ (ସ୍ୱର୍ଗୀ ଏବଂ ଈର୍ଷାପର) ଉଦ୍‌ଯୋଗୀ ପରମେଶ୍ୱର; ସେ ତୁମ୍ଭମାନଙ୍କର ଅଧର୍ମ କି ପାପ ଯ କ୍ଷମା କରିବେ ନାହିଁ । ତୁମ୍ଭେମାନେ ଯେବେ ସଦାପ୍ରଭୁଙ୍କୁ ପରିତ୍ୟାଗ କରି ବିଦେଶୀୟ ଦେବତାମାନଙ୍କୁ ସେବା କରିବ । ତେବେ ସେ ତୁମ୍ଭମାନଙ୍କ ପ୍ରତି ଫେରି ଅମଙ୍ଗଳ କରିବେ ପୁଣି ସେ ତୁମ୍ଭମାନଙ୍କର ମଙ୍ଗଳ କରିଥିଲେ ହେଁ ତୁମ୍ଭମାନଙ୍କୁ ସଂହାର କରିବେ । "(ଯିହୋଶୂୟ ୨୪:୨୦) । ତହିଁରେ ଇସ୍ରାଏଲ ସନ୍ତାନଗଣ କେବଳ ପିତା ପରମେଶ୍ୱରଙ୍କୁ ସେବା କରିବେ ବୋଲି ଆପଣାର ଇଚ୍ଛା ପ୍ରକାଶ କରିବା ପରେ ଯିହୋଶୂୟ ସେହିଦିନ ଲୋକମାନଙ୍କ ସହିତ ନିୟମ ସ୍ଥିର କରି ଶିଖିମରେ ସେମାନଙ୍କ ନିମନ୍ତେ ବିଧି ଓ ଶାସନ ସ୍ଥାପନ କଲେ । ସେହି ସକଳ କଥା ପରମେଶ୍ୱରଙ୍କ ବ୍ୟବସ୍ଥାଗ୍ରନ୍ଥରେ ଲେଖିଲେ ଓ ଏକ ବୃହତ୍ ପ୍ରସ୍ତର ନେଇ ସଦାପ୍ରଭୁଙ୍କ ପବିତ୍ର ଆଳୟର ନିକଟବର୍ତ୍ତୀ ଅଲୋନ ବୃକ୍ଷ ମୂଳ ସ୍ଥାପନ କଲେ । (ଯିହୋଶୂୟ ୨୪:୨୫-୨୬)

ବ୍ୟବସ୍ଥାର ପୁନଃପ୍ରବୃତ୍ତି ପରେ ଇସ୍ରାଏଲ ସନ୍ତାନମାନେ ଆପଣା ୨ ସ୍ଥାନକୁ ଯିବାକୁ ବିଦାୟ ନେଲେ । ଏ ସକଳ ଘଟଣା ଉତ୍ତାରେ ସଦାପ୍ରଭୁଙ୍କ ସେବକ ନୂନଙ୍କ ପୁତ୍ର ଯିହୋଶୂୟ ଏକ ଶ ବର୍ଷ ବୟସ୍କ ହୋଇ ମଲେ । ଗାଶ ପର୍ବତର ଉତ୍ତର ପାର୍ଶ୍ୱରେ ଇଫ୍ରୟିମ ପର୍ବତମୟ ଦେଶସ୍ଥ ତିମ୍ନାତ ସେରହରେ ତାଙ୍କର ଅଧିକାର-ସୀମା ମଧ୍ୟରେ ତାଙ୍କୁ କବର ଦେଲେ । ତାହାଙ୍କ ଜୀବନ ଯାଏ ଓ ଯେଉଁ ପ୍ରାଚୀନମାନେ ଇସ୍ରାଏଲ ପକ୍ଷରେ ସଦାପ୍ରଭୁଙ୍କ କୃତ ସମସ୍ତ କାର୍ଯ୍ୟ ଜ୍ଞାତ ଥିଲେ । ସେମାନଙ୍କ ମଧ୍ୟରୁ ଯିହୋଶୂୟଙ୍କ ଉତ୍ତାରେ ଯେଉଁମାନେ ଜୀବିତ ଥିଲେ, ସେମାନଙ୍କ ଜୀବନ ଯାଏ ଇସ୍ରାଏଲ ସଦାପ୍ରଭୁଙ୍କର ସେବା କଲେ । ଯାକୁବ ଶିଖିମରେ ପିତା ହମୋର ଠାରୁ କ୍ରୟ କରିଥିବା ଭୂମିରେ ଇସ୍ରାଏଲ ସନ୍ତାନମାନେ ମିସରରୁ ଆଣିଥିବା ଯୋଷେଫଙ୍କର ଅସ୍ଥି ପୋତିଲେ । ( ଆଦି ୫୦:୨୪-୨୫ ) । ଏହି ଉତ୍ତାରେ ହାରୋଣଙ୍କ ପୁତ୍ର ଇଲୀୟାସର ମୃତ୍ୟୁ ଭୋଗିଲେ ଓ ଲୋକମାନେ ତାଙ୍କୁ ତାହାଙ୍କ ପୁତ୍ର

ମୃତଦେହସବୁ ଦଉଡ଼ ପର୍ବତରେ କବର ଦେଲେ । ଏହି ସବୁ ଘଟଣାବଳୀ ଆମ୍ଭମାନେ ଯିହୋଶୂୟ ୨୪ ମ ଅଧ୍ୟାୟରେ ପଢ଼ିପାରୁ ।

—GARY C. HAMPTON

## ଚାରି ପ୍ରକାର ଆରାଧନା
## ( Four kinds of worship )

ଆରାଧନା ବିଷୟରେ ଅନେକଙ୍କ ଅନେକ ମତ । ଆରାଧନା ଉଚିତ ଆତ୍ମୀୟ ଜୀବନରେ କୌଣସି ପ୍ରଭାବ ନାହିଁ ବୋଲି ଅନେକ ମନେ କରନ୍ତି । ନୂତନ ନିୟମରେ ଆମ୍ଭେମାନେ ଚାରିଟି ପ୍ରକାର ଆରାଧନା ବିଷୟରେ ପଢିପାରୁ ।

### ବୃଥା ଆରାଧନା :—

ପ୍ରଭୁଯୀଶୁ ଖ୍ରୀଷ୍ଟ ଫାରୁଶୀମାନଙ୍କ ଆରାଧନା ବିଷୟରେ କହିଲେ, 'ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶ ବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି ।' ( ମାଥିଉ ୧୫ : ୯ ) । ଆପଣା ଆପଣା ସ୍ୱମତ ଶିକ୍ଷା ଦେଇ ବୃଥାରେ କରାଯାଉଥିବା ଆରାଧନା ପରମେଶ୍ୱରଙ୍କ ଦୃଷ୍ଟିରେ ମୂଲ୍ୟହୀନ ଓ ଅଗ୍ରାହ୍ୟ ଅଟେ ।

### ସ୍ୱେଚ୍ଛା ଆରାଧନା :—

ଏହି ପ୍ରକାର ଆରାଧନା ବିଷୟରେ ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ କହନ୍ତି । ଏହି ପ୍ରକାର ଶିକ୍ଷା ତ ସ୍ୱେଚ୍ଛା ଭଜନା, ନମ୍ରତା ଓ ଶରୀରପ୍ରତି କଠୋର ବ୍ୟବହାର ଦ୍ୱାରା ଜ୍ଞାନର ନାମ ପାଇଅଛି । କିନ୍ତୁ ସେଥିର ସାର ନାହିଁ, ତଦ୍ୱାରା କେବଳ ଶାରୀରିକ ଭାବର

ତୃପ୍ତି ହୁଏ । ( ୨ : ୨୩ ) ଏହି ପ୍ରକାର ଆରାଧନା ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ନୁହେଁ ।

**ଅଜ୍ଞାତ ଆରାଧନା :—**

ଆଥେନୀବାସୀଙ୍କୁ ପ୍ରେରିତ ପାଉଲ କହିଲେ ମୁଁ ଭ୍ରମଣ କରିବା ସମୟରେ ଆପଣମାନଙ୍କର ପୂଜ୍ୟ ବସ୍ତୁ ସମସ୍ତ ଦେଖୁ ଦେଖୁ ଗୋଟିଏ ବେଦି ମଧ୍ୟ ଦେଖିଲି । ଯାହା ଉପରେ ଏହି କଥା ଲେଖା ହୋଇଅଛି, 'ଅଜ୍ଞାତ ଦେବତାଙ୍କ ଉଦ୍ଦେଶ୍ୟରେ ।' ଅତଏବ, ଆପଣମାନେ ନଜାଣି ଯାହାଙ୍କର ପୂଜା କରୁଅଛନ୍ତି, ମୁଁ ତାଙ୍କୁ ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି । ( ପ୍ରେରିତ ୧୭ . ୨ ) । ସତ୍ୟମୟ ପରମେଶ୍ୱରଙ୍କୁ ନଜାଣି ତାହାଙ୍କ ଆରାଧନା କରିବା ତାହାଙ୍କ ଗ୍ରାହ୍ୟ ଯୋଗ୍ୟ ନୁହେଁ ।

**ସତ୍ୟ ଆରାଧନା :—**

ସୁଖାର ନଗରର ଶମିରୋଣୀୟ ସ୍ତ୍ରୀର ପ୍ରଶ୍ନର ଉତ୍ତରରେ ତ୍ରାଣ କର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ କହିଲେ 'ଈଶ୍ୱର ଆତ୍ମା ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ । (ଯୋହନ ୪ : ୧୩) । ସମସ୍ତ ଜ୍ଞାନ ସମସ୍ତ ମନ ଓ ଚିତ୍ତକ ସହିତ ତାହାଙ୍କ ଉପାସନା କରିବା ହିଁ ଆତ୍ମାରେ ତାହାଙ୍କ ଉପାସନା କରିବା । ତାହାଙ୍କ ବାକ୍ୟ ହିଁ ସତ୍ୟ ହୋଇଥିବାରୁ ତାହାଙ୍କ ବାକ୍ୟାନୁଯାୟୀ ତାହାଙ୍କ ଉପାସନା କରିବା ସତ୍ୟରେ ଉପାସନା କରିବା । ଅର୍ଥାତ୍ ତାହାଙ୍କ ବାକ୍ୟରେ ନିହିତ ଆଜ୍ଞା ସକଳ ପାଳନ କରିବା ଆବଶ୍ୟକ । ଏହିପରି ସତ୍ୟ ଓ ଆତ୍ମାରେ ଉପାସନା ହିଁ ଅନାଦି, ଅନନ୍ତ, ଅମର, ସର୍ବଶକ୍ତିମାନଙ୍କ ପିତା ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ଉପାସନା ଅଟେ ।

ଆସ, ଆମ୍ଭେମାନେ ଯାହା ଆମ୍ଭମାନଙ୍କ ପ୍ରିତିଜନକ ସେପରି ଉପାସନା ନ କରି ସୃଷ୍ଟି କର୍ତ୍ତାଙ୍କ ପ୍ରିତିଜନକ ଆରାଧନା ଅର୍ପଣ କରୁ । ଯେକୌଣସି ପ୍ରକାର ଆରାଧନା ଅନନ୍ତଜୀବନ ନିମନ୍ତେ

ଯଦ୍ୟଥିଷ୍ଟ ନୁହେଁ ତାହାଙ୍କ ବାକ୍ୟାନୁଯାୟୀ ସତ୍ୟ ଓ ଆତ୍ମାର ଆରାଧନା ହିଁ ଆମ୍ଭମାନଙ୍କୁ ଅନନ୍ତ ଜୀବନକୁ କଢ଼ାଇ ନେଇ ପାରିବ ।

—Paul Vaughn

—o—

## ସ୍ତ୍ରୀମାନଙ୍କ ସେବାକାର୍ଯ୍ୟ
## ( The Ministry of Women )

"ସ୍ତ୍ରୀ ସ୍ୱାଧୀନତା" (Women liberation) ସଂଗ୍ରାମ ଆରମ୍ଭ ହେବା ସମୟଠାରୁ ପୁରୁଷମାନଙ୍କ ଉପରେ ସ୍ତ୍ରୀମାନଙ୍କ ଆଧିପତ୍ୟ ଦିନକୁ ଦିନ ବୃଦ୍ଧି ପାଉଅଛି । କେତେକ ମତଶାଖୀୟ ମଣ୍ଡଳୀ ଗୁଡ଼ିକରେ ସ୍ତ୍ରୀମାନେ ପୁରୋହିତ, ପ୍ରାଚୀନ ଓ ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହକ ଭାବେ ନିଯୁକ୍ତ କରାଯାଇ ଅଛନ୍ତି । ଈଶ୍ୱରଙ୍କ ବାକ୍ୟ ଯଥାସ୍ୱରୂପ ପାଳନ କରୁ ନଥିବା ଖ୍ରୀଷ୍ଟୀୟ ମତଶାଖା ଗୁଡ଼ିକରେ ସ୍ତ୍ରୀମାନଙ୍କ ନେତୃତ୍ୱ କୌଣସି ଆଶ୍ଚର୍ଯ୍ୟଜନକ ବିଷୟ ନୁହେଁ । କିନ୍ତୁ ଦୁଃଖର କାରଣ ଏହି କି ଯେ, ଖ୍ରୀଷ୍ଟଙ୍କ କେତେକ ମଣ୍ଡଳୀ ମଧ୍ୟ ସ୍ତ୍ରୀମାନଙ୍କ ନେତୃତ୍ୱ ସ୍ୱୀକାର କରିବାରେ ଆତୁରତା ପ୍ରକାଶ କରୁଅଛନ୍ତି ।

ପ୍ରେରିତ ପାଉଲଙ୍କ ଲିଖିତ ପ୍ରଥମ ତୀମଥିଙ୍କ ପ୍ରଥମ ପତ୍ରର ଦ୍ୱିତୀୟ ଅଧ୍ୟାୟରେ ମଣ୍ଡଳୀର ସ୍ତ୍ରୀମାନଙ୍କ ମଣ୍ଡଳୀରେ ସ୍ଥାନ ବିଷୟରେ କୁହାଯାଇଅଛି । ଅଷ୍ଟମ ପଦରେ ପୁରୁଷମାନଙ୍କୁ ମଣ୍ଡଳୀରେ ପ୍ରାର୍ଥନା କରିବା ନିମନ୍ତେ କୁହାଯାଏ । ନବମ ଓ ଦଶମ ପଦରେ ସ୍ତ୍ରୀମାନେ ଆଦର୍ଶୀୟ ରୂପେ ଆପଣା ଆପଣାକୁ ସୁସଜ୍ଜିତ କରିବା ନିମନ୍ତେ ଆଦେଶ ଦିଅନ୍ତି । "ସ୍ତ୍ରୀ ପୂର୍ଣ୍ଣ ବଶ୍ୟତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ । ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଉ ନାହିଁ, ମାତ୍ର ସେ ମୌନ ରହୁ । କାରଣ ପ୍ରଥମେ ଆଦମ ସୃଷ୍ଟ ହେଲେ, ତାପରେ ହବା,

ଆଉ ଆଦମ ପ୍ରବଞ୍ଚିତହୋଇ ନଥିଲେ । ମାତ୍ର ନାରୀ ପ୍ରବଞ୍ଚିତାହୋଇ ଆଜ୍ଞା ଲଙ୍ଘନ ଦୋଷରେ ଦୋଷୀ ହେଲେ । କିନ୍ତୁ ସେମାନେ ସୁବୁଦ୍ଧି ସହ ବିଶ୍ୱାସ, ପ୍ରେମ ଓ ପବିତ୍ରତାରେ ସ୍ଥିର ରହିଲେ, ସେ ସନ୍ତାନ ପ୍ରସବ କରିବା ଦ୍ୱାରା ପରିତ୍ରାଣ ପାଇବ ।" (୧ମ ତୀମଥି ୨:୧୧-୧୫)

"ଆହୁରି ମଧ୍ୟ ସମସ୍ତ ମଣ୍ଡଳୀ ଯଦ୍ଧ ସମାଜରେ ହୁଏ, ··· -- - ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇ ଥାଏ, ସେହିପରି ସ୍ତ୍ରୀମାନେ ମଣ୍ଡଳୀରେ ନୀରବ ରହନ୍ତୁ, ଯେଣୁ କଥା କହିବା ପାଇଁ ସେମାନେ ଅନୁମତି ପାଇ ନାହାନ୍ତି । ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ ସେମାନେ ବଶୀଭୂତହୋଇ ରହନ୍ତୁ । ସେମାନେ ଯଦ୍ଧ କୌଣସି ବିଷୟ ବୁଝିବାକୁ ଇଚ୍ଛା କରନ୍ତି, ତେବେ ଘରେ ଆପଣା ୨ ସ୍ୱାମୀମାନଙ୍କୁ ପଚାରନ୍ତୁ । କାରଣ ମଣ୍ଡଳୀ ମଧ୍ୟରେ କଥା କହିବା ସ୍ତ୍ରୀଲୋକ ପକ୍ଷରେ ଲଜ୍ଜା ଜନକ ।" (୧ମ କରନ୍ଥୀ ୧୪:୨୩-୩୫) ।

ସ୍ତ୍ରୀମାନେ ପୁରୁଷମାନଙ୍କ ଠାରୁ ନିମ୍ନତରେ ବୋଲି ଏହି ବାକ୍ୟରେ ଅର୍ଥ ନୁହେଁ । କିନ୍ତୁ ଏହା ଈଶ୍ୱରଙ୍କ ଆଜ୍ଞା ଯାହା ପାଳନ କରିବା ମନୁଷ୍ୟ ମାନଙ୍କ ବିଧି । ଦ୍ୱି:ବି - ୪:୧, ୫:୩୨, ୧୨:୩୨; ୨ ଯୋହନ ୯-୧୧; ପ୍ରକାଶିତ ୨୨; ୧୯, ୧୯) ।

୧ମ କରନ୍ଥୀ ୧୧:୩ ପଦ କହେ, "କିନ୍ତୁ ଖ୍ରୀଷ୍ଟ ଯେ ପ୍ରତ୍ୟେକ ପୁରୁଷର ମସ୍ତକସ୍ୱରୂପ ଏବଂ ପୁରୁଷ ଯେ ସ୍ତ୍ରୀର ମସ୍ତକ ସ୍ୱରୂପ, ଈଶ୍ୱର ଯେଖ୍ରୀଷ୍ଟଙ୍କର ମସ୍ତକ ସ୍ୱରୂପ-ଅଟନ୍ତି । ଏହା ତୁମ୍ଭେମାନେ ଜାଣ ବୋଲି ମୋହର ଇଚ୍ଛା ।" ଆପଣା ମସ୍ତକ ସ୍ୱରୂପ ପିତା ଈଶ୍ୱରଙ୍କଠାରେ ଅବନତ ହେବାକୁ ଖ୍ରୀଷ୍ଟ ଦ୍ୱିଧା କରନ୍ତି ନାହିଁ । ତେବେ ସ୍ତ୍ରୀ କାହିଁକି ଆପଣା ମସ୍ତକ ସ୍ୱରୂପ ପୁରୁଷର ଅଧିକାର ସ୍ୱୀକାର କରିବାରେ ଅସମ୍ମତ ? ଆଜି ପର୍ଯ୍ୟନ୍ତ ପାଉଲ ଜୀବିତଥିଲେ ଏହିପରି ପତ୍ରଲେଖି ନଥାନ୍ତେ ବୋଲି ଅନେକ ତର୍କ କରିଥାନ୍ତି । କିନ୍ତୁ ପାଉଲଙ୍କ ଲେଖନୀ ତାହାଙ୍କ ସ୍ୱତଃ ନୁହେଁ । ସେପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ଲେଖିଥିଲେ । ପବିତ୍ର ଆତ୍ମାଙ୍କ ଦ୍ୱାରା ଲିଖିତ ବାକ୍ୟ ସଦା ସର୍ବଦା ସମାନ [illegible] । ( ଗୀତ ୧୧୯ : ୮୯ ) ।

ସ୍ତ୍ରୀମାନଙ୍କ ନେତୃତ୍ୱ ପ୍ରମାଣ କରିବା ନିମନ୍ତେ ଅନେକ ପ୍ରଚଳିତ ନିୟମର ମୋଶାଙ୍କ ଭଉଣୀ ମରିୟମଙ୍କ ଉଦାହରଣରେ ସାହାଯ୍ୟ ନେଇ ଥାଆନ୍ତି । ( ଯାତ୍ରା ୧୫ : ୨୦, ୨୧ ) କିନ୍ତୁ ସେ ଜଣେ ଭବିଷ୍ୟଦ୍‌ବକ୍ତ୍ରୀ ଥିଲେ, ତାହାଙ୍କ କାର୍ଯ୍ୟ ଇଶ୍ରାଏଲ ଗୋଷ୍ଠୀ ନିମନ୍ତେ ସୀମିତ ଥିଲା । ପରେ ମରିୟମ ଈଶ୍ୱରଙ୍କ ବିରୁଦ୍ଧାଚରଣ କରି ଈଶ୍ୱରଙ୍କ ଦ୍ୱାରା ଶାସ୍ତି ମଧ୍ୟ ଭୋଗିଥିଲେ ବୋଲି ଗଣନା ୧୨:୧-୧୨ ପଦଗୁଡ଼ିକରେ ପଢ଼ିପାରୁ ।

ଇଶ୍ରାଏଲ ଉପରେ ନେତୃତ୍ୱ ବହନ କରିଥିବା ଦେବୋରା ନାମ୍ନୀ ଭବିଷ୍ୟଦ୍‌ବକ୍ତ୍ରୀଙ୍କ ଉଦାହରଣ ସ୍ୱରୂପ ନେଇ ସ୍ତ୍ରୀମାନେ ପୁରୁଷମାନଙ୍କ ଉପରେ ନେତୃତ୍ୱ କରି ପାରନ୍ତି ବୋଲି ଅନେକ ତର୍କ କରନ୍ତି । ଦେବୋରାଙ୍କ ସମୟରେ ଇଶ୍ରାଏଲମାନେ ଈଶ୍ୱରଙ୍କ ବିରୁଦ୍ଧାଚରଣ କରୁଥିଲେ ଓ ନେତୃତ୍ୱ ବହନ କରିବା ଯୋଗ୍ୟ କୌଣସି ପୁରୁଷ ଇଶ୍ରାଏଲ ମଧ୍ୟରେ ନଥିଲେ । କିଣାନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଦେବୋରା ବାରକଙ୍କୁ ଆହ୍ୱାନ କରିବାରୁ ଦେବୋରାଙ୍କ ବିନୁ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ବାରକ ଅସମ୍ମତ ହେଲେ । ( ବିଚାରକର୍ତ୍ତା ୪ : ୮ ) । କିଣାନୀୟମାନଙ୍କୁ ଆଘାତ କରିବା ନିମନ୍ତେ ଇଶ୍ରାଏଲର କୌଣସି ପୁରୁଷ ସାହସୀ ନଥିବାରୁ, ସଦାପ୍ରଭୁ ପରମେଶ୍ୱର କିଣାନୀୟମାନଙ୍କୁ ରାଜା ସୀଷରାଙ୍କୁ ଏକ ସ୍ତ୍ରୀ ହାତରେ ସମର୍ପଣ କରିଥିଲେ । ( ବିଚାରକର୍ତ୍ତା ୫ : ୯, ୨୧ )

ନିହିମିୟା ୬ : ୧୪ ରେ ନୋୟଦିଆ ନାମକ ଏକ ଭବିଷ୍ୟଦ୍‌ବକ୍ତ୍ରୀଙ୍କ ନାମ ପଢ଼ିପାରୁ । ସେ ଈଶ୍ୱରଙ୍କ ସନ୍ତାନଗଣ ଇଶ୍ରାଏଲମାନଙ୍କ ଶତ୍ରୁ ଟୋବିୟ ଓ ସନ୍‌ବଲଟଙ୍କ ଦ୍ୱାରା ଠିକ ନେଇଥିବା ଏକ ମିଥ୍ୟା ଭବିଷ୍ୟଦ୍‌ବକ୍ତ୍ରୀ । ଦ୍ୱିତୀୟ ରାଜାବଳି ୨୨ମ ଅଧ୍ୟାୟରେ ଅନ୍ୟଏକ ଭବିଷ୍ୟଦ୍‌ବକ୍ତ୍ରୀଙ୍କ ବିଷୟରେ ପଢ଼ିପାରୁ ତାହାଙ୍କ ନାମ ହୁଲଦା । ଧାର୍ମିକ ଯୋଶିୟ ରାଜାଙ୍କ ପରିପାଳନ ସମୟରେ ହୁଲଦା ରାଜାଙ୍କ ଗୁପ୍ତ ପରିଚାରକମାନଙ୍କୁ ଉପଦେଶ ଦେବା ବିଷୟ ଏହି ଅଧ୍ୟାୟରେ ପଢ଼ିପାରୁ ।

ଈଶ୍ୱର ସନ୍ତାନମାନଙ୍କ ଇତିହାସରେ, ଦେବର୍ଷି ଓ ହୂଲଦା ବ୍ୟତିତ ଅନ୍ୟ ନେତା, ରାଜା, ଯାଜକ, ଭବବାଦୀ, ଶାସ୍ତ୍ରଜ୍ଞ, ପ୍ରାଚୀନ କାର୍ଯ୍ୟ ନିର୍ବାହକ ପ୍ରତ୍ୟେକ, ପୁରୁଷ ଅଟନ୍ତି । ପୁରାତନ ନିୟମର ଉଦାହରଣ ନେଇ ଆମ୍ଭେମାନେ ମଣ୍ଡଳୀରେ ନୂତ ନିୟମର ସ୍ଥାପନ କରି ନପାରୁ । ସମାଗମ ତମ୍ବୁ, ଯିରୁଶାଲମରୁ ମନ୍ଦିର, ସମାଜ ଗୃହ ପ୍ରଭୃତି ମଣ୍ଡଳୀର ପ୍ରତିରୂପ ଅଟେ । ସେଗୁଡ଼ିକର ସେବା କାର୍ଯ୍ୟରେ ସ୍ତ୍ରୀମାନଙ୍କୁ ସ୍ଥାନ ଦିଆଯାଇ ନଥିଲା । ଅତଏବ, ଯୀଶୁଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀରେ ନେତୃତ୍ୱରେ ସ୍ତ୍ରୀମାନଙ୍କୁ ସ୍ଥାନ ଦିଆଯାଇ ନାହିଁ ।

—Roy. J. Hearn.

—o—

ରାଜେଶ୍ୱରୀ ପ୍ରେସ, ନବରଙ୍ଗପୁର ।

# WARNINGS FROM HEAVEN

**Acts 20:31; Col 1 :28**

INTRODUCTION :

1. A warning is but an admonition.
2. It is usually classified with the bad, the negative.
3. Many warnings in this world.
4. The Bible is literally filled with them.

DISCUSSION :

**A. The Purpose of Warnings.**

1. To cause us to stop and think.
2. To give us an opportunity to choose between good and evil.
3. To encourage us to accept the safe course.
4. Otherwise there would be no need for warnings.

**B. Those In Position To Warn.**

1. God - knows all.
2. Any man - who knows the truth.
3. The preacher - he is commanded (2Tim. 4:2).

**C. Those who Are Warned.**

1. Asked to search the scriptures (John 5:39).
2. Make up their own mind.
3. Accept it or reject it.

**D. Some Warnings From Heaven.**

1. Shall be those to arise who claim they are Christ (Matt. 24:4,5).
2. Call no man Father (Matt 23:9).
3. No man serves two masters (Matt. 6:24).
4. Believe not every Spirit (1John 4:1)..
5. Woe be unto me if I preach not he gospel (Gal.1:7-9).
6. Add not - subtract not (Rev. 22:18,19).
7. Whosoever abideth not in the doctrine hath not God (2 John 9).
8. Whosoever shall deny me (Matt. 10:33).
9. He that believeth not (Mk. 16:16).
10. Broad and narrow way (Matt. 7:13,14).

11. Love not the world (1John 2:15).
12. Be not deceived (Gal. 6:7,8).
13. Be not deceived (1Cor. 15:13).
14. The wages of sin is death (Rom. 6:23).
15. Train up a child (Prov. 22:6).
16. Not every one (Matt. 7:21).
17. Take heed (Tim. 4:16).
18. The evil shall be destroyed (Matt. 25:46).

CONCLUSION :

1. Only those who profit by these warnings will be saved.
2. Thank God you have been warned in time.

- **J. C. Choate.**

---

From

**SATYA VANI**
P.O. Box 80
KAKINADA - 533 001

Printed Book only

To

(FOR PRIVATE CIRCULATION ONLY)